## ନିୟମ ଉଲ୍ଲଂଘନ: ଦୋକାନ ସିଲ୍

ଝୁମ୍ପୁରା,(ଡି.ଏନ.ଏ.): କରୋନା ମହାମାରୀକୁ ନେଇ ସାରା ରାଜ୍ୟରେ ଲକଡାଉନ ପ୍ରକ୍ରିୟା ଜାରି ରହିଛି। ସକାଳ ୭ଟାରୁ ୧୧ଟା ପର୍ଯ୍ୟନ୍ତ ଲୋକମାନଙ୍କୁ ଜରୁରୀ ଜିନିଷ ସଂଗ୍ରହ କରିବା ପାଇଁ ସମୟ ଦିଆଯାଇଛି। ଏଥି ସହିତ କେତେକ ଦୋକାନ ସମ୍ପୂର୍ଣ୍ଣ ବନ୍ଦ ରଖିବାକୁ ଗାଇଡଲାଇନ ଜାରି କରାଯାଇଛି। ହେଲେ ଝୁମ୍ପୁରା ଅଞ୍ଚଳରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଗୁରୁବାର ଝୁମ୍ପୁରା ତହସିଲଦାର ପ୍ରତିଭା ପୃଷ୍ଟି, ଥାନାଧିକାରୀ ବିରେନ୍ଦ୍ର ଶିଆଳ ଝୁମ୍ପୁରା ବଜାର ଗସ୍ତ କରିଥିବାବେଳେ, ଗୋଟିଏ ଲୁଗା ଦୋକାନ ଖୋଲାଥିବା ଦେଖି ଦୋକାନକୁ ସିଲ କରିବାସହ ଅନ୍ୟ ଏକ ଦୋକାନରୁ ୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

## ସଂକ୍ଷେପରେ

### କାଳବୈଶାଖୀରେ ଉପୁଡ଼ିଲା ବିଦ୍ୟୁତ୍ ଖୁଣ୍ଟ

ପାଟଣା,୨୦।୫(ସ୍ୱ. ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ଟାଙ୍ଗରପଡା ପଞ୍ଚାୟତ ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ବୁଧବାର ସନ୍ଧ୍ୟାରେ ବିଦ୍ୟୁତ ଖୁଣ୍ଟ ଉପୁଡିବା ସହ ଅନେକ ଘର ଭାଙ୍ଗିପଡିଛି। ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ଦୀର୍ଘ ୨୧ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ପାଟଣା ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଥିଲା। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଛି। ଟାଙ୍ଗରାପଡା ସୁଦେଶ କୁମାର ସାହୁଙ୍କ କୁକୁଡ଼ା ଫାର୍ମ ଉପରେ ଏକ ଶାଗୁଆନ ଗଛ ଟଳି ପଡିବାରୁ ଫାର୍ମ ଭାଙ୍ଗିଯିବା ସହ ୩୨୦ ରୁ ଊର୍ଦ୍ଧ୍ୱ କୁକୁଡ଼ା ଛୁଆ ମରି ଯାଇଥିବା ସୂଚନା ମିଳିଛି। କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ୨୦ ଦିନ ପରେ ମିଳିଲା ପରିଚୟ

ବଡବିଲ, ୨୦।୫(ସ୍ୱ.ପ୍ର.): କେନ୍ଦୁଝର ଜିଲା ବଡବିଲ ଥାନା କଳିଙ୍ଗ ନଗର ଅଞ୍ଚଳରୁ ଗତ ଏପ୍ରିଲ ୨୮ ତାରିଖରେ ପୋଲିସ ଜଣେ ମହିଳାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲା। ଉକ୍ତ ମହିଳାଙ୍କ ଆଶୁ ଚିକିତ୍ସା ପରେ ସେରେଣ୍ଡାସ୍ଥିତ ପଦ୍ମଶ୍ରୀ ତୁଳସୀ ମୁଣ୍ଡାଙ୍କ ଆଦିବାସୀ ଆବାସିକ ବିଦ୍ୟାଳୟରେ ରଖାଯାଇଥିଲା। ସେହି ଦିନରୁ ମହିଳା ଜଣକ ନିଜ ବାକ ଶକ୍ତି ହରାଇଥିବାରୁ ପରିଚୟ ମିଳିବା ସମ୍ଭବ ହୋଇପାରି ନ ଥିଲା। ତେବେ ଦୀର୍ଘ ୨୦ ଦିନ ପରେ ବୁଧବାର ଉକ୍ତ ମହିଳା ନିଜର ବାକଶକ୍ତି ଫେରିପାଇଥିଲେ। ସେ ନିଜ ପରିଚୟ ରାଉରକେଲାସ୍ଥିତ ବଣ୍ଡମୁଣ୍ଡା ଅଞ୍ଚଳର ବୋଲି ଜଣାଇଥିଲେ। ପୋଲିସ ପକ୍ଷରୁ ତୁରନ୍ତ ତାଙ୍କ ପରିବାର ବର୍ଗଙ୍କୁ ଖବର ଦିଆଯାଇଥିଲା। ପୋଲିସ ଗୁରୁବାର ତାଙ୍କୁ ତାଙ୍କ ପରିବାର ଲୋକଙ୍କ ନିକଟରେ ହସ୍ତାନ୍ତର କରିଥିବା ବଡବିଲ ଥାନା ଆଇଆଇସି ସୁଶାନ୍ତ ଦାଶ ସୂଚନା ଦେଇଛନ୍ତି।

### ଲକ୍ଷାଧିକ ଟଙ୍କାର ନକଲି ଜର୍ଦ୍ଦା ଜବତ, ୨ ଗିରଫ

ଭଦ୍ରକ ଅଫିସ,୨୦।୫: ଲକ୍‌ଡାଉନ ନିୟମ ଉଲ୍ଲଂଘନ କରି ନକଲି ଜର୍ଦ୍ଦା ନେଇ ଯାଉଥିବା ସମୟରେ ଭଦ୍ରକ ପୁରୁଣାବଜାର ପୋଲିସ ଏକ ବାଇକ୍, ସ୍କୁଟି ସହ ଲକ୍ଷାଧିକ ଟଙ୍କାର ନକଲି ଜର୍ଦ୍ଦା ଜବତ କରିଛି। ଏଥିସହ ୨ ଜଣଙ୍କୁ ଗିରଫ କରାଯାଇଛି। ସୂଚନା ଅନୁସାରେ, ପୁରୁଣାବଜାର ଥାନା ପୋଲିସ ଗୁରୁବାର ପୂର୍ବାହ୍ନରେ ପାଟ୍ରୋଲିଂ କରୁଥିଲା। ଉତ୍ତରବାହିନୀ ଅଞ୍ଚଳର ଦୁଇଜଣ ଯୁବକ ବାଇକ୍ ଓ ସ୍କୁଟି ଯୋଗେ ନକଲି ଜର୍ଦ୍ଦା ନେଇ ଗୁଜିଦରଡ଼ା ଅଞ୍ଚଳକୁ ଯାଉଥିବା ବେଳେ ପୋଲିସ ସେମାନଙ୍କୁ କାବୁ କରି ନେଇଥିଲା। ସେମାନଙ୍କଠାରୁ ବିଭିନ୍ନ ନାମୀଦାମୀ କମ୍ପାନୀର ଲୋଗୋ ଲାଗିଥିବା ନକଲି ଜର୍ଦ୍ଦା ଏବଂ ଦୁଇ ଗାଡ଼ିକୁ ଜବତ କରାଯାଇଛି। ଗିରଫ ଦୁଇଜଣ ହେଲେ ଛଡ଼ାକମହଲା ଅଞ୍ଚଳର ସେକ୍ ବାବୁଲା ଓ ତାକ ଚୌକିଆ ମହଲାର ମୋରୋଦ ଖାନ୍। ଏ ନେଇ ଥାନାରେ ମାମଲା (ନଂ.୧୭୬/୨୧) ରୁଜୁ ହୋଇଛି।

### ପୋଖରୀରେ ବୁଡ଼ି ନାବାଳକ ମୃତ

ବଡବିଲ, ୨୦।୫(ସ୍ୱ.ପ୍ର.): କେନ୍ଦୁଝର ଜିଲା ବଡବିଲ ଥାନା ଅନ୍ତର୍ଗତ ଗାଡ଼ା ହଟିଂସ୍ଥିତ ଏକ ପୋଖରୀରେ ବୁଡ଼ିଯାଇ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଡବିଲ ପୌରାଞ୍ଚଳ ୱାର୍ଡ ନଂ-୧୦, ଧୋବି ହଟିଂସ୍ଥିତ ପ୍ରେମ ପାତ୍ର। ସୂଚନା ଅନୁଯାୟୀ, ବୁଧବାର ଅପରାହ୍ନରେ ପ୍ରେମ ତାଙ୍କ ସାଙ୍ଗମାନଙ୍କ ସହ ଗାଡ଼ା ହଟିଂସ୍ଥିତ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ପହଁରା ଜାଣିନଥିବାରୁ ସେ ପାଣିରେ ବୁଡ଼ିଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ।

# ଉଠାଇଲାଣି ସମ୍ଭାବ୍ୟ ବାତ୍ୟା

ଭୋଗରାଇ,୨୦।୫(ଡି.ଏନ.ଏ.)



ଦୀଘା-ଉଦୟପୁର କୂଳକୁ ଫେରୁଛି ମାଛଧରା ଟ୍ରଲର।

ପୂର୍ବ-ମଧ୍ୟ ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ସମ୍ଭାବ୍ୟ ବାତ୍ୟା 'ୟାସ' ବାଲେଶ୍ୱର ଓ ପଶ୍ଚିମବଙ୍ଗ ଉପକୂଳରେ ତାଣ୍ଡବ ରଚାଇବ ବୋଲି ବିଭିନ୍ନ ପାଣିପାଗ ଦପ୍ତର ଆଗୁଆ ସତର୍କ ସୂଚନା ଦେବା ଯୋଗୁ ଉପକୂଳବାସୀ ଭୟଭୀତ ହୋଇପଡିଛନ୍ତି। ବାଲେଶ୍ୱର ଜିଲାପାଳ, ଏସ୍‌ପିଙ୍କ ସହ ଜିଲା ଉଚ୍ଚପଦାଧିକାରୀମାନେ ଗୁରୁବାର ପ୍ରତି ବ୍ଲକରେ ପ୍ରଶାସନ ଅଧିକାରୀଙ୍କୁ ନେଇ ସମ୍ଭାବ୍ୟ ବାତ୍ୟାର ମୁକାବିଲା ନିମନ୍ତେ ଭର୍ଚୁଆଲ ବୈଠକ କରିଛନ୍ତି। ବାତ୍ୟା ଆଶଙ୍କାକୁ ନେଇ ସମସ୍ତ ସରକାରୀ କର୍ମଚାରୀ ସଜାଗ ରହିବା ସହିତ ଆବଶ୍ୟକ ରିଲିଫ୍ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ବିପନ୍ନମାନଙ୍କୁ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

ଭୋଗରାଇ ବ୍ଲକ ପରିସରରେ ଭର୍ଚୁଆଲ ବୈଠକରେ ତହସିଲଦାର, ଅତିରିକ୍ତ ତହସିଲଦାର, ବିଡିଓ, ଅଗ୍ନିଶମ ବିଭାଗର ଅଧିକାରୀ, ଚିକିତ୍ସାଧିକାରୀ, ବ୍ଲକ ଚେୟାରମ୍ୟାନ୍ ସହ ବିଭିନ୍ନ ବିଭଗର ଅଧିକାରୀମାନେ ଯୋଗଦେଇ ବାତ୍ୟା ସମ୍ପର୍କିତ ସମସ୍ତ ପଦକ୍ଷେପ ନେବାର ସିଦ୍ଧାନ୍ତ ହୋଇଛି। ଭୋଗରାଇ ବ୍ଲକରେ ୨୨ଟି ବାତ୍ୟା ଆଶ୍ରୟସ୍ଥଳୀ ସହ ୧୭୦ଟି ସ୍କୁଲକୁ ସାନିଟାଇଜ୍ କରାଯାଇଛି। ଏଥିରେ ବିପନ୍ନମାନଙ୍କୁ ରଖାଯିବା ସହ ଖାଦ୍ୟ, ବିଦ୍ୟୁତ୍ ଓ ପାନୀୟଜଳ ବ୍ୟବସ୍ଥା କରାଯାଇଥିବା ସୂଚନା ମିଳିଛି। ସମୁଦ୍ର କୂଳିଆ ଅଞ୍ଚଳର ଗ୍ରାମବାସୀଙ୍କୁ ଉଚ୍ଚସ୍ଥାନକୁ ଉଠିଯିବା ସହ ସୁରକ୍ଷିତ ସ୍ଥାନରେ ରଖାଯିବାର ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଅପରପକ୍ଷରେ ଓଡ଼ିଶା ସୀମାନ୍ତ ପଶ୍ଚିମବଙ୍ଗ ସରକାର ବାତ୍ୟା ଆଶଙ୍କାକୁ ନେଇ ଆଲିପୁର ପାଣିପାଗ ଦପ୍ତର ଘନ ଘନ ସତର୍କ ସୂଚନା ଦେବା ଉପକୂଳବାସୀ ଚିନ୍ତିତ ହୋଇପଡ଼ିଛନ୍ତି। ସମୁଦ୍ର ଅଶାନ୍ତ ହେବା ସହିତ ବଡ଼

### ୨୩ ସୁଦ୍ଧା ସମୁଦ୍ରରୁ ଫେରିବେ ଦୁଇ ରାଜ୍ୟ ମତ୍ସ୍ୟଜୀବୀ

ବଡ଼ ଢ଼େଉ ଉଚ୍ଚରେ ଉଠି କୂଳ ଆଡ଼କୁ ମାଡ଼ ହେବାର ସମ୍ଭାବନା ଥିବାରୁ ଉଭୟ ଓଡ଼ିଶା ଏବଂ ପଶ୍ଚିମବଙ୍ଗର ସହସ୍ରାଧିକ ମତ୍ସ୍ୟଜୀବୀ ଏବେ କୂଳ ମୁହାଁ ହେଉଛନ୍ତି। ଆସନ୍ତା ୨୩ ତାରିଖ ସୁଦ୍ଧା ଗଭୀର ସାମୁଦ୍ରିକ ମାଛ ମାରିବାକୁ ଯାଇଥିବା ଟ୍ରଲରଗୁଡ଼ିକ କୂଳକୁ ଫେରି ଆସିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟାର ଗତି ଅଧିକ ଗତିଶୀଳ ହୋଇ ଓଡ଼ିଶା-ପଶ୍ଚିମବଙ୍ଗ ମୁହାଁ ବୋଲି କେତେକ ପାଣିପାଗ ଦପ୍ତର ସତର୍କ ସୂଚନା ଦେଉଥିବା ବେଳେ ସମୁଦ୍ରକୂଳବାସୀଙ୍କ ଭୀତି ବଢ଼ାଇଛି। ନଡ଼ାଛପର ଥିବା ଘରକୁ ରସିରେ ଲୋକେ ବାନ୍ଧୁଥିବା ବେଳେ ରବିଧାନ ଚାଷ ଅମଳକୁ ସୁରକ୍ଷିତ ସ୍ଥାନରେ ରଖିବାକୁ ତତ୍ପରତା ପ୍ରକାଶ ପାଇଛି।

ଗତବର୍ଷ ଅମ୍ଫାନ ବାତ୍ୟାର ତାଣ୍ଡବ ମନରୁ ଲିଭି ନ ଥିବା ବେଳେ ପୁଣି ଏକ 'ୟାସ' ସମ୍ଭାବ୍ୟ ବାତ୍ୟା ଛାରଖାର କରିବାର ଆଶଙ୍କାକୁ ଦ୍ୱିଗୁଣିତ କରିଛି। ଆଜିଠୁ ଆକାଶରେ ମେଘମାଳ ସଞ୍ଚାର ହେବାରୁ ସୂର୍ଯ୍ୟ ଓ ମେଘର ଲୁଚକାଳି ଖେଳ ହେଉଛି ଓ ପାଗରେ ପରିବର୍ତ୍ତନ ଘଟୁଛି।

# ବିଡିଓ, ତହସିଲଦାରଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ

ବାଲେଶ୍ୱର ଅଫିସ, ୨୦।୫

ବାଲେଶ୍ୱର ଜିଲା ପ୍ରଶାସନ ଏବଂ ଜନପ୍ରତିନିଧି ମିଳିତ ଭାବେ ବାତ୍ୟା 'ୟାସ୍'ର ମୁକାବିଲା ପାଇଁ ଗୁରୁବାର ଜରୁରୀକାଳୀନ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଅଧ୍ୟକ୍ଷତା କରିଥିବା ବେଳେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବାତ୍ୟା ମୁକାବିଲା ଲାଗି ଆବଶ୍ୟକ ସାମଗ୍ରୀ, ବାତ୍ୟା ଆଶ୍ରୟସ୍ଥଳୀର ସ୍ଥିତି ଅନୁଧ୍ୟାନ ଓ ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ଟିମ୍ ସହ ଯୋଗାଯୋଗ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସେହିପରି ସମସ୍ତ ବ୍ଲକ ବିଡିଓ ଓ ତହସିଲଦାରମାନଙ୍କୁ ଆଲର୍ଟ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜିଲାପାଳ ସମସ୍ତ ଉପକୂଳବର୍ତ୍ତୀ ଅଞ୍ଚଳର ବିଡିଓ ଓ ତହସିଲଦାରଙ୍କ ସହ ଭିଡିଓ କନ୍‌ଫରେନ୍ସ କରି ବାତ୍ୟା ପାଇଁ ପ୍ରସ୍ତୁତ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଥିବା ନେଇ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ କହିଛନ୍ତି।

ବାତ୍ୟା ୟାସ୍ ପ୍ରଭାବରେ ୨୫ତାରିଖ ରାତିଠାରୁ ଉପକୂଳ ଓଡ଼ିଶାର ଅଧିକାଂଶ ସ୍ଥାନରେ ଅଳ୍ପରୁ ମଧ୍ୟମ ଧରଣର ବର୍ଷା ଆରମ୍ଭ ହେବ। ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବା ଆଇଏମ୍‌ଡି ପକ୍ଷରୁ କୁହାଯାଇଛି। ମତ୍ସ୍ୟଜୀବୀମାନଙ୍କୁ ଏହି ସମୟରେ ସମୁଦ୍ର ଭିତରକୁ ନ ଯିବା ପାଇଁ ସତର୍କ ସୂଚନା ଦିଆଯାଇଛି। ଯେଉଁମାନେ ଗଭୀର ସମୁଦ୍ରରେ ଅଛନ୍ତି ସେମାନେ ୨୩ ତାରିଖ ପୂର୍ବରୁ କୂଳକୁ ଫେରିବାକୁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ସତର୍କ ସୂଚନା ଜାରି କରିଛନ୍ତି। ଆସନ୍ତା ୨୨ରେ ଉତ୍ତର ଆଣ୍ଡାମାନ ସାଗର ଓ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ୭୨ଘଣ୍ଟାରେ ଏହା ବାତ୍ୟାର ରୂପ ନେବ। ପରେ ଏହା ପଶ୍ଚିମବଙ୍ଗ ଉପକୂଳରେ ପହଞ୍ଚିବାର ସମ୍ଭାବନା ରହିଛି। ତେବେ ଲଘୁଚାପ ସୃଷ୍ଟି ହେବା ପରେ ଯାଇ ଏହାର ରୂପରେଖ ସ୍ପଷ୍ଟ ହେବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ସମ୍ଭାବ୍ୟ ବାତ୍ୟାକୁ ମୁକାବିଲା କରିବା ପାଇଁ ରାଜ୍ୟସରକାର ଉପକୂଳବର୍ତ୍ତୀ ଜିଲାର ଜିଲାପାଳଙ୍କୁ ପ୍ରସ୍ତୁତ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

### ବସିଲା ଜିଲା ପ୍ରଶାସନର ଜରୁରୀ ବୈଠକ



ପ୍ରସ୍ତୁତି ସମ୍ପର୍କରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ସୂଚନା ଦେଉଛନ୍ତି।

# 'ୟାସ୍'ର ମୁକାବିଲା ପାଇଁ ପ୍ରସ୍ତୁତି

ବାରିପଦା ଅଫିସ, ୨୦।୫

ସମ୍ଭାବ୍ୟ ବାତ୍ୟା 'ୟାସ୍' ର ମୁକାବିଲା ପାଇଁ ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ ଏକ ଜରୁରୀକାଳୀନ ପ୍ରସ୍ତୁତି ବୈଠକ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିନୀତ ଭରଦ୍ୱାଜ ଅଧ୍ୟକ୍ଷତା କରିଥିଲେ। ଜିଲାର ବିଭିନ୍ନ ବିଭାଗ ଓ ବ୍ଲକ ସ୍ତରୀୟ ଅଧିକାରୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ବାତ୍ୟା ସମୟରେ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ସହ ପୂର୍ବ ଓ ପରବର୍ତ୍ତୀ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ବାତ୍ୟାର ପ୍ରଭାବ ରହୁଥିବା ବ୍ଲକଗୁଡ଼ିକରେ ଅସ୍ଥାୟୀ ଶିବିର ପ୍ରସ୍ତୁତି ସହ ନଦୀ ନିକଟରେ ବସବାସ କରୁଥିବା ଲୋକଙ୍କୁ ସତର୍କ ସୂଚନା ଦେବାକୁ ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଜିଲାରେ ଓଡ୍ରାଫ୍, ବ୍ଲକ ସ୍ତରୀୟ ଦମକଳ ବାହିନୀ ଓ ସ୍ୱେଚ୍ଛାସେବୀ ସଙ୍ଗଠନଙ୍କୁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାପାଳଙ୍କ ସହ ଆରକ୍ଷୀ ଅଧୀକ୍ଷକ ସ୍ମିତ୍ ପି. ପରମାର, ଅତିରିକ୍ତ ଜିଲାପାଳ (ରାଜସ୍ୱ) ପ୍ରକାଶ ଚନ୍ଦ୍ର ବେହେରା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭବେଶ କୁମାର ନାୟକ, ବାରିପଦା ଉପଜିଲାପାଳ ପି. ଅନ୍ୱେଷା ରେଡ୍ଡୀ, ଜିଲା ଜରୁରୀକାଳୀନ ଅଧିକାରୀ ସୁଜୟ କୁମାର ପତି, ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରୂପଭାନୁ ମିଶ୍ର, ଉଦଳା, କରଞ୍ଜିଆ ଓ ରାଇରଙ୍ଗପୁର ଉପଜିଲାପାଳ, ସମସ୍ତ ତହସିଲଦାର, ବିଡିଓ, ଥାନାଧିକାରୀ, ସିଡିପିଓ ବୈଠକରେ ଅଂଶଗ୍ରହଣ କରିଥିଲେ।



ବୈଠକରେ ଅଧିକାରୀମାନେ ବାତ୍ୟା ମୁକାବିଲା ସମ୍ପର୍କରେ ଆଲୋଚନା କରୁଛନ୍ତି।

# ତଦାରଖ କଲେ ଅଧିକାରୀ



ଚାରିଗାଁ ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ ବେଳେ ଉପସ୍ଥିତ ଅଧିକାରୀ।

ବନ୍ତ, ୨୦।୫ (ଡି.ଏନ.ଏ./ସ୍ୱ.ପ୍ର.)

ଭଦ୍ରକ ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ବନ୍ତ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି କରାଯାଇଛି। ୨୫ ପଞ୍ଚାୟତର ୨୫ଟି ବିଦ୍ୟାଳୟରେ ବାତ୍ୟା ଆଶ୍ରୟ କେନ୍ଦ୍ର ଖୋଲାଯାଇଛି। ଏସବୁ କେନ୍ଦ୍ରରେ ପ୍ରଭାବିତ ଲୋକଙ୍କୁ ରଖାଯିବା ନେଇ ପ୍ରସ୍ତୁତ ରହିବାକୁ ସରପଞ୍ଚ ଓ ପଞ୍ଚାୟତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଚାରିଗାଁ ସ୍ଥିତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳକୁ ପ୍ରସ୍ତୁତ କରି ରଖାଯାଇଛି। ଗୁରୁବାର ବିଡିଓ ରେବେକା ବିଲୁଙ୍ଗ ଏହାକୁ ପରିଦର୍ଶନ କରି ସମସ୍ତ ପ୍ରସ୍ତୁତିର ତଦାରଖ କରିଛନ୍ତି। ଆଗରପଡ଼ା ଅଗ୍ନିଶମ ଅଧିକାରୀ ଭୀମସେନ ନାୟକ, କନିଷ୍ଠ ଯନ୍ତ୍ରୀ ପ୍ରଜ୍ଞା ମହାନ୍ତି, ସରପଞ୍ଚ ବନମାଳି ବେହେରା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବୀରକିଶୋର ନାୟକ ଓ ବାତ୍ୟା ଆଶ୍ରୟସ୍ଥଳ କମିଟି ସମ୍ପାଦକ ରଥ ବେହେରା ଉପସ୍ଥିତ ଥିଲେ। ସେହିପରି ତହସିଲଦାର ଇନ୍ଦିରା ସାହୁ, ଅତିରିକ୍ତ ତହସିଲଦାର ବିନିତାରାଣୀ କିସ୍କୁ, ବନ୍ତ ଥାନାଧିକାରୀ ମିନା ବିନ୍ଧାଣୀ ଓ ଆଗରପଡ଼ା ଥାନାଧିକାରୀ ସୁକାନ୍ତି କେରାଇ ସମସ୍ତ ପ୍ରସ୍ତୁତି କରିଥିବା ଜଣାଯାଇଛି।

# ବାତ୍ୟା ଆଶ୍ରୟସ୍ଥଳ ବୁଲି ଦେଖିଲେ ଜିଲାପାଳ

ବାସୁଦେବପୁର,୨୦।୫(ଡି.ନ.ଏ.)

ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ଭଦ୍ରକ ଜିଲାପାଳ ଜ୍ଞାନ ରଞ୍ଜନ ଦାସ ଗୁରୁବାର ବାସୁଦେବପୁରରେ ପହଞ୍ଚି କେତେକ ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କରିଛନ୍ତି। ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପ୍ରଦତ୍ତ ଉଦ୍ଧାରକାରୀ ସାମଗ୍ରୀ ଦେଖିଥିଲେ। ଜିଲାପାଳଙ୍କ ସହ ବିଡିଓ ପ୍ରଣବ କୁମାର ବେହେରା, ତହସିଲଦାର ସୌମଶ୍ରୀ ପାଣିଗ୍ରାହୀ ପ୍ରମୁଖ ରାଧାକାନ୍ତପୁର ଓ ଗୋଠଆଡ଼ିଆଠାରେ ଥିବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କରି ସୁବିଧା ଅସୁବିଧା ସମ୍ପର୍କରେ ଅବଗତ ହୋଇଥିଲେ। ସମସ୍ତ ବାତ୍ୟା ଆଶ୍ରୟସ୍ଥଳ ଓ ବିଦ୍ୟାଳୟ ସହ ସରଞ୍ଜାମଗୁଡ଼ିକ ପ୍ରସ୍ତୁତ ରଖିବାକୁ ଜିଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଜିଲାପାଳ ଅଧିକାରୀମାନଙ୍କୁ ନେଇ ପୌରପାଳିକା କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ କରିଥିଲେ।



ବାତ୍ୟା ଆଶ୍ରୟସ୍ଥଳ ନିକଟରେ ଜିଲାପାଳ ଜ୍ଞାନ ରଞ୍ଜନ ଦାସ ଓ ଅନ୍ୟ ଅଧିକାରୀ।

# 'ଯୁଦ୍ଧକାଳୀନ ଭିତ୍ତିରେ ପ୍ରସ୍ତୁତ ରୁହ'

କେନ୍ଦୁଝର, ୨୦।୫(ଡି.ଏନ.ଏ.)

ସମ୍ଭାବ୍ୟ ବାତ୍ୟା 'ୟାସ୍' ର ମୁକାବିଲା ନିମନ୍ତେ ଆକ୍ସନ୍ ପ୍ଲାନ ପ୍ରସ୍ତୁତ କରିବା ପାଇଁ ଚଳିତ ମେ' ୨୦ ତାରିଖ ଗୁରୁବାର ଅପରାହ୍ନରେ ଜିଲାପାଳ ଆଶିଷ ଠାକ୍‌ରେଙ୍କ ଅଧ୍ୟକ୍ଷତାରେ ଭର୍ଚୁଆଲ ମାଧ୍ୟମରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ଭାବ୍ୟ ବାତ୍ୟା 'ୟାସ୍'ର ଯୁଦ୍ଧକାଳୀନ ଭିତ୍ତିରେ ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ଜିଲାପାଳ ସଂପୃକ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡଃ ଉଦ୍ଧବ ଚନ୍ଦ୍ର ମାଝୀ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ସନ୍ତୋଷ କୁମାର ନାୟକ, ଅତିରିକ୍ତ ଜିଲାପାଳ ସୁଷମା ବିଲୁଙ୍ଗ, ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା କେନ୍ଦୁଝରର ପ୍ରକଳ୍ପ ପ୍ରଶାସକ ବିଜନ କୁମାର ଥମ୍ଭ, ଜିଲାର ସମସ୍ତ ଉପଜିଲାପାଳ, ବିଡିଓ, ତହସିଲଦାର, ପୌରପାଳିକା/ଏନ୍‌ଏସି ର ନିର୍ବାହୀ ଅଧିକାରୀ ଏହି ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ବୈଠକରେ ପ୍ରସ୍ତୁତିର ବିଭିନ୍ନ ଦିଗ ଉପରେ ବିଶଦ ଭାବେ ଆଲୋଚନା କରାଯାଇଥିଲା ଏବଂ ଏହାକୁ ଆଧାର କରି ଉପଜିଲାପାଳଙ୍କ ତତ୍ତ୍ୱାବଧାନରେ ବ୍ଲକସ୍ତରରେ ଏବଂ ପୌରପାଳିକା/ଏନ୍‌ଏସି ସ୍ତରରେ କାର୍ଯ୍ୟଖସଡା ପ୍ରସ୍ତୁତ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ତଳିଆ ଅଞ୍ଚଳର ଲୋକମାନଙ୍କୁ, କଚ୍ଚା ଘରେ ରହୁଥିବା ଲୋକ, ଦିବ୍ୟାଙ୍ଗ, ଗର୍ଭବତୀ ମହିଳା ଓ ଶିଶୁଙ୍କୁ ଅଗ୍ରାଧିକାର ଭିତ୍ତିରେ ନିରାପଦ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରିବା ପାଇଁ ବିହିତ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

# ଉତ୍ତ୍ୟକ୍ତ ଲୋକଙ୍କ ଏନ୍‌ଏଚ୍ ଅବରୋଧ

ବାଙ୍ଗିରିପୋଷି,୨୦।୫(ଡି.ଏନ.ଏ.)

ମରାମତି ବାହାନାରେ ମନଇଚ୍ଛା ବିଦ୍ୟୁତ୍ କାଟ୍ ଚାଲିଛି। ବୁଧବାର ଅପରାହ୍ନ ୩ଟାରୁ ପ୍ରାୟ ୨୫ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ବିଦ୍ୟୁତ୍ ସରବରାହ ବନ୍ଦ ରଖାଯାଇଥିବା ବେଳେ ପ୍ରବଳ ଗରମ ହେଉଥିବାରୁ ଲୋକେ ଘରେ ନ ରହି ବାହାରେ ବୁଲୁଥିବା ଦେଖିବାକୁ ମିଳିଥିଲା। ବାଙ୍ଗିରିପୋଷି ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ବିଦ୍ୟୁତ୍ ନ ଥିବାରୁ ରୋଗୀମାନେ ବହୁ କଷ୍ଟ ଭୋଗିଥିଲେ। ଏହା ଦେଖି ଗୁରୁବାର ଅପରାହ୍ନରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ୪୯ ନଂ ଏନ୍‌ଏଚ୍‌କୁ ସମ୍ପୂର୍ଣ୍ଣ ବନ୍ଦ କରିଦେଇଥିଲେ। ଘଟଣାସ୍ଥଳରେ ବାଙ୍ଗିରିପୋଷି ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାମଦାସ ଟୁଡୁ ଏବଂ ଥାନାଧିକାରୀ ଦୟାନିଧି ଦାସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଏଥିସହ ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ସୁବ୍ରତ କୁମାର ଖଟୁଆ ଓ କନିଷ୍ଠ ଯନ୍ତ୍ରୀ ଜଗନ୍ନାଥ ବେହେରାଙ୍କୁ ଫୋନରେ ଯୋଗାଯୋଗ କରି ଅତିଶୀଘ୍ର ବିଦ୍ୟୁତ୍ ସେବା ଯୋଗାଇଦେବା ପାଇଁ କହିଥିଲେ। ୩୦ ମିନିଟ୍ ପରେ

### ଦୀର୍ଘ ୨୫ ଘଣ୍ଟା ଧରି ବିଦ୍ୟୁତ୍ କାଟ୍

ବିଦ୍ୟୁତ ଆସିଥିଲା କିନ୍ତୁ ୧୦ରୁ ୧୫ ମିନିଟ୍ ରହିବା ପରେ ବାରମ୍ବାର କାଟ୍ ହୋଇଥିଲା। ବାରମ୍ବାର ଏହି ଅଘୋଷିତ ବିଦ୍ୟୁତ୍ କାଟ୍‌କୁ ନେଇ ଜନଅସନ୍ତୋଷ କୁହୁଳିବାରେ ଲାଗିଛି। ଏହାର ସ୍ଥାୟୀ ସମାଧାନ ନ ହେଲେ ବାଙ୍ଗିରିପୋଷି ବ୍ଲକ ଅଞ୍ଚଳର ସମସ୍ତ ଉପଭୋକ୍ତା ରାଜରାସ୍ତାକୁ ପୁଣି ଥରେ ଓହ୍ଲାଇବା ସହ ଜାତୀୟ ରାଜପଥ ଏବଂ ବିଜୁଳି କାର୍ଯ୍ୟାଳୟକୁ ବନ୍ଦ କରିବେ ବୋଲି ଚେତାବନୀ ଦେଇଛନ୍ତି।

Office of District Manager
ODISHA STATE CIVIL SUPPLIES CORPORATION LTD. (OSCSC)
Cuttack (District) Phone : 0671-2507744
District Web site : www.cuttack.nic.in

Tender No. 1749 Dt-20.05.2021

District Manager, Odisha State Civil Supplies Corporation Ltd., Cuttack invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of **Handling** Contractor for handling of foodgrains (Rice & Wheat) at All RRCs Except PEG, Katarapa, Salipur. |
| 2 | Availability of bid document in the portal | From 21.05.2021 |
| 3 | Last Date / Time for receipt of bids in the portal | Dt.05.06.2021 up to 5 P.M. |
| 4 | Date/Time of Opening of Technical bid | Dt.07.06.2021 at 11.00 A.M. |
| 5 | Name and address of Officer Inviting Tender | District Manager, OSCSC Ltd., Chandinichowk, Cuttack (District) |

Tender documents and other details can be seen from the e-procurement portal **www.oscsc.in**, **www.foododisha.in** & **www.tendersodisha.gov.in** along with district website. Amendments / corrigendum / cancellation / retenders etc. if any shall be published only in above websites.

**Sd/-
District Manager,
OSCSC Ltd, Cuttack**

Odisha Coal and Power Limited OCPL

ODISHA COAL AND POWER LTD.
(A GOVT. OF ODISHA COMPANY)
Zone-A, Ground Floor, Fortune Towers, Chandrasekharpur,
Bhubaneswar – 751023, Odisha., Tel No: 0674-2300654 /2300664

SHORT NOTICE INVITING TENDER

NITNo:OCPL/SER-124/2021
Date: 21/05/2021
Sealed bids in prescribed format are invited from companies/ agencies/firm for the following work:

| Sl. No. | Name of the work | Cost of tender paper | BID Security | Issue of tender document | Last date of sale/ download of tender document | Last date of submission / opening of bid |
|---|---|---|---|---|---|---|
| 01 | Transportation of Coal from Manoharpur Coal Mines to ACB / MCL Siding at Kanika, Sundargarh by Road | Rs.10,800/- (Rupees Ten thousand and eight hundred only) inclusive of GST @ 18%. | Rs.10,00,000/- (Rupees Ten lakhs only) | 21.05.2021 | 28.05.2021 | 11.00 A.M. on 31.05.2021<br>11.30 A.M. on 31.05.2021 |

For further details, bidders may visit our website, i.e. www.ocpl.org.in. Any clarification may please be addressed to the undersigned at the above address or by email to: a.kanungo@ocpl.org.in.

**Sd./- Addl. General Manager (C&CA)**

## ଚମ୍ପା ନାଗ ଉଦ୍ଧାର

ସଜନାଗଡ଼,(ଡି.ଏନ.ଏ.): ବାଲେଶ୍ୱର ଜିଲା ନୀଳଗିରି ବ୍ଲକର କୁଲଡ଼ିହା ଅଭୟାରଣ୍ୟ ପାଦଦେଶ ତେଲିପାଳ ପଞ୍ଚାୟତର ତେଲିପାଳ ଗ୍ରାମର ସରପଞ୍ଚ ସାରେଲ ବାସ୍କେଙ୍କ ଘରୁ ଏକ ୫ଫୁଟ ଲମ୍ବର ବିରଳ ଚମ୍ପା ନାଗ ଉଦ୍ଧାର କରାଯାଇଛି। ନାଗ ସାପ ଥିବା ପରିବାର ଲୋକେ ଜାଣିବା ପରେ ସାପ ଧରାଳିଙ୍କୁ ଖବର ଦେଇଥିଲେ। ସାପ ଧରାଳି ଜଗବନ୍ଧୁ ବେହେରା, ବ୍ରଜ ବେହେରା, ଶ୍ରୀଧର ବେହେରା ପହଞ୍ଚି ବିରଳ ଚମ୍ପାନାଗକୁ ଉଦ୍ଧାର କରି କୁଲଡିହା ଅଭୟାରଣ୍ୟରେ ଛାଡ଼ି ଦେଇଥିବା ସୂଚନା ମିଳିଛି।

# ଅମଳ ସରିଲା, ଏବେ ବିକ୍ରି ଚିନ୍ତା

ବାଞ୍ଛାନିଧି ଦେ
ରୂପସା, ୨୦।୫

ରବିଧାନ ଅମଳ ସରିଗଲାଣି। ଏବେ ବିକ୍ରୀ ନେଇ ଚାଷୀ ଚିନ୍ତାରେ ପଡ଼ିଛି। ଏଯାଏ ଟୋକନ ମିଳିନି। ରବିଧାନରେ ବିହନ, ସାର, ଔଷଧ ଆଦି ପର୍ଯ୍ୟାପ୍ତ ଖର୍ଚ୍ଚ ପରେ ଚାଷୀ ସରକାରୀ ମୂଲ୍ୟରେ ଧାନ ବିକ୍ରି କରି ନ ପାରି ମୁଣ୍ଡରେ ହାତ ଦେଇ ବସିଛି। ଅମଳ ସାରି ଦି' ପଇସା ଲାଭ ଆଶାରେ କେତେଜଣ ଚାଷୀ ଧାନବସ୍ତା ସବୁକୁ ଘରେ ରଖିଛନ୍ତି। ଆଉ କେତେକ ଚାଷୀ ଧାରକରଜ ଶୁଝିବାକୁ ବେପାରୀଙ୍କୁ କୁଇଣ୍ଟାଲ ପ୍ରତି ୧ହଜାର ଟଙ୍କା ଦରରେ ଧାନ ବିକି ଅଭାବୀ ବିକ୍ରୀର ଶିକାର ହେଉଛନ୍ତି।

ବାଲେଶ୍ୱର ଜିଲାରେ ବସ୍ତା ବ୍ଲକରେ ପ୍ରାୟ ସମସ୍ତ ପରିବାର କୃଷି କାର୍ଯ୍ୟ କରି ଜୀବିକା ନିର୍ବାହ କରିଥାନ୍ତି। କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ବ୍ଲକ ଅନ୍ତର୍ଗତ ୩୧ପଞ୍ଚାୟତରେ ୧୯ହଜାର ୮ଶହ ହେକ୍ଟର ଚାଷ ଜମି ରହିଛି। ଏଥିମଧ୍ୟରୁ ୧୪ହଜାର ୬ଶହ ହେକ୍ଟର ରବିଚାଷ ଜମି ଅନ୍ତର୍ଭୁକ୍ତ। ରବିଋତୁରେ ୧୦ହଜାର ୨ଶହ ହେକ୍ଟର ଜଳସେଚିତ ଜମି ରହିଥିବା ବେଳେ ଅବଶିଷ୍ଟ ଅଣଜଳସେଚିତ ଅଟେ। ଚଳିତବର୍ଷ ୬ହଜାର ୧ଶହ ହେକ୍ଟର ଜମିରେ ରବି ଧାନ ଚାଷ ହୋଇଥିବା ବେଳେ ୭ହଜାର ୯ଶହ ହେକ୍ଟର ଜମିରେ ଡାଲି ଓ ତୈଳବୀଜ ଜାତୀୟ ଫସଲ ହୋଇଥିଲା। କିନ୍ତୁ ରବିଧାନ ଅମଳ ଆରମ୍ଭରୁ ସରକାରୀ ଧାନମଣ୍ଡି ଖୋଲି ନ ଥିବାରୁ ଚାଷୀ ନିଜ ଫସଲର ଉଚିତ୍ ମୂଲ୍ୟ ପାଇବାରେ ବଞ୍ଚିତ ହୋଇଛନ୍ତି। ଏଯାବତ୍ ବ୍ଲକ ଅନ୍ତର୍ଗତ ସମସ୍ତ ମଣ୍ଡିରେ ଧାନକିଣା ଆରମ୍ଭ ହୋଇନାହିଁ। ଧାନବିକ୍ରି ପାଇଁ ସେବା ସମବାୟ ସମିତିରେ ପଞ୍ଜିକରଣ କରିଥିବା ୮୦ଶତକଡ଼ା ଚାଷୀଙ୍କୁ ମୋବାଇଲରେ ମେସେଜ ମାଧ୍ୟମରେ ଟୋକନ ମଧ୍ୟ ଆସିନାହିଁ।

ଗଡ଼ପଦା ପଞ୍ଚାୟତ ଚାଷୀ ଜୟନ୍ତ ଦେ କହନ୍ତି, ଏବର୍ଷ ପ୍ରତିକୂଳ ପାଗରେ ରବିଧାନ ଚାଷ କରାଯାଇଥିଲା। ଅମଳ ବେଳେ କାଳବୈଶାଖୀ ଝଡ଼ବର୍ଷା


ଗଡ଼ପଦା ପଞ୍ଚାୟତର ଜଣେ ଚାଷୀ ମେଶିନ ଯୋଗେ ଧାନ ଅମଳ କରୁଛନ୍ତି।

### ଟୋକନ ଅପେକ୍ଷାରେ ଧାନ ଚାଷୀ

ଯୋଗୁ ଖର୍ଚ୍ଚ ଦ୍ୱିଗୁଣା ବଢ଼ିଗଲା। ସରକାର ମଣ୍ଡିରେ ଧାନ କିଣା ଆରମ୍ଭ ନ କରିବାରୁ ବେପାରୀଙ୍କୁ ୧କୁଇଣ୍ଟାଲ ପ୍ରତି ହଜାରେ ଟଙ୍କା ଦରରେ ଧାନ ବିକ୍ରି କରିବାକୁ ବାଧ ହେଲୁ। ଯାହାକି ଚାଷରେ ଖର୍ଚ୍ଚ ହୋଇଥିବା ଅର୍ଥ ଭରଣା ହୋଇପାରିଲା ନାହିଁ। ରାଉତପଡ଼ା ପଞ୍ଚାୟତର ଚାଷୀ ମହେନ୍ଦ୍ର ଗିରି କହନ୍ତି, ଅମଳ ଧାନକୁ ମଣ୍ଡିରେ ବିକ୍ରି ପାଇଁ ପ୍ରସ୍ତୁତ କରିରଖିଛୁ। ଏଯାବତ୍ ଟୋକନ ଆସିନି। ସରକାରୀ ଦର ୧୮୬୮ ଟଙ୍କା ଥିବାବେଳେ ବେପାରୀଙ୍କୁ ୧ହଜାର ଟଙ୍କାରେ ବିକ୍ରି କଲେ ଚାଷ ଖର୍ଚ୍ଚ ବି ମିଳିବ ନାହିଁ। ଏ ସମ୍ପର୍କରେ ବସ୍ତା ବ୍ଲକ ଯୋଗାଣ ନୀରିକ୍ଷକ ମଧୁସ୍ମିତା ସେନାପତି କହିଛନ୍ତି, ବ୍ଲକ ଅଧୀନ ୧୨ଟି ମଣ୍ଡିରେ ଧାନ କ୍ରୟ ପାଁଇ ନିର୍ଦ୍ଦେଶ ମିଳିଛି। ମାତ୍ର ସମସ୍ତ ଚାଷୀଙ୍କୁ ଟୋକନ ମିଳି ନାହିଁ। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ହେବ।

## ନବନିଯୁକ୍ତ ଉପସଭାପତି ଶ୍ରୀନିବାସ, ସଚିବ ପଞ୍ଚାନନଙ୍କୁ ଶୁଭେଚ୍ଛା



ଶିଳ୍ପୀ ଶ୍ରୀନିବାସ ପଢ଼ିହାରୀ ଓ ପଞ୍ଚାନନ ସାମଲ।

ବାଲେଶ୍ୱର ଅଫିସ, ୨୦।୫

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ଏକାଡ଼େମୀଗୁଡ଼ିକର ବିଭିନ୍ନ ପଦବୀଗୁଡ଼ିକର ବ୍ୟକ୍ତିବିଶେଷଙ୍କ ନାମ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ଓଡ଼ିଶା ଲଳିତ କଳା ଏକାଡ଼େମୀର ଉପ-ସଭାପତି ପଦ ଲାଗି ବାଲେଶ୍ୱର ଜିଲା ଶୋଭାରାମପୁର ଅଞ୍ଚଳର ବିଶିଷ୍ଟ ମୁଦ୍ରଣ କଳାଶିଳ୍ପୀ ଶ୍ରୀନିବାସ ପଢ଼ିହାରୀ ଓ ସଚିବ ପଦ ଲାଗି ଭୋଗରାଇ ବ୍ଲକ ଚନ୍ଦନେଶ୍ୱରସ୍ଥିତ ହାଟସରିଷା ଅଞ୍ଚଳର ଚିତ୍ରଶିଳ୍ପୀ ପଞ୍ଚାନନ ସାମଲଙ୍କ ନାମ ଅନୁମୋଦନ ଲାଭ କରିଛି।

### ଲଳିତ କଳା ଏକାଡେମୀ

ବାଲେଶ୍ୱର ଜିଲାର ବିଭିନ୍ନ ସାହିତ୍ୟ, କଳା ଓ ସଂସ୍କୃତି ଅନୁଷ୍ଠାନ ପକ୍ଷରୁ ଉଭୟଙ୍କୁ ସ୍ୱାଗତ କରାଯାଇଛି। ଫକୀରମୋହନ ସାହିତ୍ୟ ପରିଷଦ ସଭାପତି ଶିରୀଶ ଚନ୍ଦ୍ର ଜେନା, ସମ୍ପାଦକ ଡ. କୁମାର ଗୋପାଳ, ଜଉ କଣ୍ଢେଇ ବିବାହ ଉତ୍ସବ କମିଟି ସଭାପତି ସୁବାସିନୀ ଜେନା, ବିଶିଷ୍ଟ ଶିଳ୍ପୀ କେଶୁ ଦାସ, କବି ପ୍ରଶାନ୍ତ ଦାସ, କବି ଶ୍ରୀଦେବ, ସାହିତ୍ୟିକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଓଡ଼ିଶା ସାହିତ୍ୟ ଏକାଦେମୀ ସଦସ୍ୟ କାଳିପଦ ପଣ୍ଡା, ବିଶିଷ୍ଟ ସମାଜସେବୀ ଶତ୍ରୁଘ୍ନ ମଲ୍ଲିକ ପ୍ରମୁଖ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

### ସଂକ୍ଷେପରେ

#### ଦିନକରେ ୨ଶହ ପଜିଟିଭ

ବାହାନଗା, ୨୦।୫(ଡି.ଏନ.ଏ.): ବାଲେଶ୍ୱର ଜିଲା ବାହାନଗା ବ୍ଲକରେ ଗୋଟିଏ ଦିନରେ ୨ଶହ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଫଳରେ ବ୍ଲକର ୨ଟି ପଞ୍ଚାୟତର ଦୁଇ ଗ୍ରାମକୁ ସରପଞ୍ଚ ୬ ଦିନ ପାଇଁ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ବାହାନଗା ବ୍ଲକ ଖରାସାହାପୁର ଗ୍ରାମର ୧୩୪ଜଣଙ୍କର ସ୍ୱାବ ପରୀକ୍ଷା କରାଯାଇ ଥିଲା। ସେମାନଙ୍କ ମଧ୍ୟରୁ ୯୫ ଜଣ ପଜିଟିଭ ଚିହ୍ନଟ ହେବା ପରେ ସଂପୃକ୍ତ ଗ୍ରାମକୁ ୬ ଦିନ ପାଇଁ ଶଟ୍‌ଡାଉନ କରିବା ଲାଗି ଖରାସାହାପୁର ସରପଞ୍ଚ ଗୌରମଣୀ ଜେନା ବାହାନଗା ତହସିଲଦାର ଓ ଜିଲାପାଳଙ୍କ ନିକଟକୁ ପତ୍ର ଦ୍ୱାରା ଜଣାଇବା ପରେ ଏହି ଘୋଷଣା କରାଯାଇଛି। ସେହିପରି କଲ୍ୟାଣି ପଞ୍ଚାୟତର ୧୧୫ ଜଣଙ୍କ ସ୍ୱାବ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଗୋଟିଏ ଦିନରେ ୮୫ ଜଣ କରୋନା ପଜିଟିଭ ଚିହ୍ନଟ ହେବା ପରେ ସେ ପଞ୍ଚାୟତର ସରପଞ୍ଚ ମମତା ଦାଶ ୬ ଦିନ ପାଇଁ କଲ୍ୟାଣୀ ଗ୍ରାମକୁ ଜିଲାପାଳଙ୍କ କ୍ଷମତା ପ୍ରୟୋଗ କରି ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ଗୁରୁବାର ରାତିଠାରୁ ସୋମବାର ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇ ସମସ୍ତ ପ୍ରବେଶ ପଥ କୁ ସିଲ୍ କରାଯାଇଛି।

#### ଘଟଗାଁରେ ଗଡ଼ିଲା ରାଜସ୍ୱ ରଥ

ଢେଙ୍କିକୋଟ, ୨୦।୫(ଡି.ଏନ.ଏ.): କେନ୍ଦୁଝର ଜିଲା ଘଟଗାଁ ତହସିଲ ଅଧୀନରେ ଥିବା ୨୭ ପଞ୍ଚାୟତର ପ୍ରଜା ମାନଙ୍କ ନିମନ୍ତେ ଗଡ଼ିଲା ରାଜସ୍ୱ ରଥ। ଏହି ରଥକୁ ଗୁରୁବାର ଘଟଗାଁ ତହସିଲ କାର୍ଯ୍ୟାଳୟରୁ ତହସିଲଦାର ଜନକ କୁମାର ନାୟକ ଶୁଭାରମ୍ଭ କରିଛନ୍ତି। ଅତିରିକ୍ତ ତହସିଲଦାର ବଳଭଦ୍ର ପୂର୍ତ୍ତି, ନାଜର ଜାତୀନ୍ଦୁ କୁମାର ସାହୁ, ଘଟଗାଁ ଆରଆଇ ସନ୍ତୋଷ କୁମାର ସାହୁ, ଆରଆଇ ଦୀପ୍ତିମୟୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ତହସିଲ କାର୍ଯ୍ୟାଳୟକୁ ନ ଆସି ଘରେ ବସି ସେବା ପାଇ ପାରିବେ। ଏହି ରଥ ଗାଁ ଗାଁ ବୁଲି ଉକ୍ତ ସେବା ଗୁଡିକୁ ଜନସାଧାରଣ ଙ୍କ ପାଖରେ ଯୋଗାଇ ଦେବ ବୋଲି ତହସିଲଦାର ଜନକ ନାୟକ କହିଛନ୍ତି। ଗୁରୁବାର ତହସିଲଦାର ଘଟଗାଁ ଅଞ୍ଚଳରେ ୧୨ ଘରବାରି ଜମିପଟ୍ଟା, ତରା ଗ୍ରାମରେ ୬ଟି ଘରବାରି ଜମିପଟ୍ଟା ପ୍ରଦାନ କରିଛନ୍ତି।

#### ପଣ୍ଡିତ ପର୍ଶୁରାମ ଶତପଥୀଙ୍କ ପରଲୋକ

ଖଇରା, ୨୦।୫(ଡି.ଏନ.ଏ.)-ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଜଳଦା ଗ୍ରାମ ନିବାସୀ ତଥା ଖଇରା ବ୍ଲକରେ ବେଦଜ୍ଞ ଜ୍ଞାନୀ ପଣ୍ଡିତ ଭାବେ ପରିଚିତ ପର୍ଶୁରାମ ଶତପଥୀ(୮୭)ଙ୍କ ଗୁରୁବାର ପରଲୋକ ହୋଇଯାଇଛି। ତାଙ୍କର ମୃତ୍ୟୁରେ ତାଙ୍କର ଶିଷ୍ୟ, ଆଞ୍ଚଳିକ ବ୍ରାହ୍ମଣ ସମିତି ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି। ସ୍ୱର୍ଗତ ଶତପଥି ଜଣେ କର୍ମକାଣ୍ଡ ବ୍ରାହ୍ମଣ ଭାବେ ସୁନାମ ଅର୍ଜନ କରିଥିବା ବେଳେ ଯଜ୍ଞାଦି କର୍ମରେ



ମୁଖ୍ୟ ପୁରୋଧା ଭାବେ କାର୍ଯ୍ୟ ତୁଲାଉଥିଲେ। ଖଇରା ଅଞ୍ଚଳର ବହୁ ବ୍ରାହ୍ମଣ ପିଲାଙ୍କୁ ପୂଜା ପଦ୍ଧତି ଓ ଯଜ୍ଞର ବିଧି ଶିଖାଇଥିଲେ। ପଣ୍ଡିତ ରଘୁନାଥ ପାଢୀ, ମଦନମୋହନ ପଣ୍ଡା, ବ୍ରଜକିଶୋର ଶତପଥୀ, ବିମ୍ବାଧର ଦଳେଇ, ପୂର୍ଣ୍ଣଚନ୍ଦ୍ର ଦାସ, ଗଙ୍ଗାଧର ରାଉତ, ତୃପ୍ତିକାନ୍ତ ପାଢୀ, ମୁକ୍ତିକାନ୍ତ ପାଢୀ, ବୈଦ୍ୟନାଥ ସାମଲ, ରାଧାକାନ୍ତ ସାମଲ, ସନାତନ ସାହୁ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି।

## ପୂର୍ବତନ ରାଜସ୍ୱ ନିରୀକ୍ଷକଙ୍କ ନାଁରେ ମାମଲା

ପଦ୍ମପୁର,୨୦।୫ (ଡି.ନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ତହସିଲ ଅଧୀନ ବାଲିମୁଣ୍ଡା ପଞ୍ଚାୟତର ସରକାରୀ ଜମିକୁ କିଛି ଲୋକଙ୍କଠାରୁ ଲାଞ୍ଚ ନେଇ ରେକର୍ଡ ଭୁକ୍ତ କରିଥିବା ଅଭିଯୋଗରେ ପୂର୍ବତନ ରାଜସ୍ୱ ନିରୀକ୍ଷକ ଦେବୀ ପ୍ରସନ୍ନ ବାରିକଙ୍କ ନାଁରେ ନାୟକାଣିଡିହୀ ଥାନାରେ ମାମଲା (ନଂ.୧୨୭/୨୧) ରୁଜୁ ହୋଇଛି। ସୂଚନାଯୋଗ୍ୟ, ଗତ ଜାନୁୟାରୀରେ ଏହି ଘଟଣା ଘଟିଥିବା ବେଳେ ମାର୍ଚ୍ଚରେ ଜିଲା ପ୍ରଶାସନ ପକ୍ଷରୁ ନାୟକାଣିଡିହୀର ରାଜସ୍ୱ ନିରୀକ୍ଷକ ବାରିକ ଓ ବରିଷ୍ଠ କିରାଣି ମାଧବାନନ୍ଦ ଦାସଙ୍କୁ ନିଲମ୍ବନ କରାଯାଇଥିଲା। ଏହି ଘଟଣାର ସମ୍ପୃକ୍ତ ୫୦ଟି ଏଲ୍‌ଇ କେଶ୍‌ରୁ ୧୮ ଟିର ରେକର୍ଡ ପତ୍ତା ମିଳି ନ ଥିଲା। ଏ ନେଇ ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ ଗତ ମାର୍ଚ୍ଚ ୪ରେ ଅଭିଯୋଗ କରିବା ପରେ ବାସୁଦେବପୁର ଥାନାରେ ମାମଲା (ନଂ.୬/୨୧) ରୁଜୁ ହୋଇଥିଲା। ଏହି କେଶ୍‌ରେ ପରବର୍ତ୍ତୀ ପର୍ଯ୍ୟାୟରେ ଡାଟାଏଣ୍ଟ୍ରି ଅପରେଟର ବଳରାମ ଜେନାଙ୍କୁ ନିଲମ୍ବନ ଓ ଅତିରିକ୍ତ ତହସିଲଦାରଙ୍କୁ ବଦଳି କରାଯାଇଥିଲା। ଉକ୍ତ ଘଟଣାକୁ ନେଇ ତହସିଲଦାର ଗୁରୁବାର ପୂର୍ବତନ ରାଜସ୍ୱ ନିରୀକ୍ଷକ ବାରିକଙ୍କ ନାମରେ ନାୟକାଣିଡିହୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ପୋଖରୀରେ ବୁଡ଼ି ଜୀବନ ଗଲା

ହାଟଡିହୀ,୨୦।୫(ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସଢ଼ା ଗ୍ରାମ ଦରଡ଼ା ସାହିର ଚିତ୍ତ ରଞ୍ଜନ ବେହେରା ପୋଖରୀରେ ବୁଡି ପ୍ରାଣ ହରାଇଛନ୍ତି। ଘର ଲୋକ ସୋସୋ ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ପଠାଇଛି।

## ଅନାଥ ଅନ୍ତେବାସୀଙ୍କୁ ସହାୟତା

ଖଇରା, ୨୦।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଡଗରପଡାସ୍ଥିତ ବିବେକ ଭାରତୀ ସେବାଶ୍ରମରେ ରହୁଥିବା ଅନ୍ତେବାସୀଙ୍କୁ ସହଯୋଗର ହାତ ବଢାଇଛନ୍ତି ଖଇରା ବ୍ଲକ କୁରୁଣ୍ଟା ପଞ୍ଚାୟତ ମିରିପୁର-ଖଇରା ଗ୍ରାମର ଯୁବ ଇଞ୍ଜିନିୟର ଗୌତମ ବାରିକ। ସୁଦୂର ଜୋର୍ଡାନରେ କାର୍ଯ୍ୟରତ ବାରିକ କୋଭିଡ ମହାମାରୀ ସମୟରେ ଅନ୍ତେବାସୀଙ୍କ ଦୁର୍ଦ୍ଦଶା ସମ୍ପର୍କରେ ଖବରପାଇ ସହଯୋଗର ହାତ ବଢାଇଛନ୍ତି। ମା' ଶକୁନ୍ତଳା ବାରିକ, ସାନବୋହୂ ନମିତା ବାରିକଙ୍କ ସହ ମଙ୍ଗଳବାର ଆଶ୍ରମକୁ ଯାଇ ୩୫ଜଣ ପିଲାଙ୍କୁ ଶୁଖିଲା ଖାଦ୍ୟ, ମାସ୍କ, ସାନିଟାଇଜର ପ୍ରଦାନ କରିଥିଲେ।

## କରୋନା ସଚେତନତା ନେଇ ୱେବିନାର

ବାରିପଦା ଅଫିସ, ୨୦।୫

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟର ଜାତୀୟ ସେବା ଯୋଜନାରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଅଧୀନ ଶ୍ରୀମା ମହିଳା ମହାବିଦ୍ୟାଳୟର ଯୁକ୍ତ ୩ ଏନ୍‌ଏସ୍‌ଏସ୍ ପକ୍ଷରୁ କୋଭିଡ୍‌ର ଦ୍ୱିତୀୟ ଲହର ସଚେତନତା ନେଇ ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ନଟବର ଗିରି ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭିକ ପରିଚୟ ଦେଇଥିଲେ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଧିକାରୀ ମାନସୀ ରାଣୀ ବାରିକ। କଳିଙ୍ଗ ହସ୍ପିଟାଲର ଫୁଡ୍ ନ୍ୟୁଟ୍ରିସିନିଆଲିଷ୍ଟ ଅଞ୍ଜନା ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ସଂଯୋଜକ ଡ. ଶୁଭେନ୍ଦୁ ଦାସ, ଭୁବନେଶ୍ୱର ସ୍ଥିତ ଓୟୁଏଟି ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ତାଲିମ ପ୍ରଶିକ୍ଷକ ନୀରଦ ବରଣ ଖୁଣ୍ଟିଆ, ମୟୂରଭଞ୍ଜର କାର୍ଯ୍ୟକ୍ରମ ଅଧିକାରୀ ଏବଂ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। କରୋନାରୁ କିପରି ରକ୍ଷା ମିଳିବ, କେଉଁ ଖାଦ୍ୟ ଖାଇଲେ ଶରୀରରେ ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି ପାଇବା ସହ ସୁସ୍ଥ ରହିପାରିବା ସେ ବିଷୟରେ ଆଲୋଚନା କରାଯାଇଥିଲା। ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ଫୋନ୍ ଯୋଗେ ମେସେଜ୍ ମାଧ୍ୟମରେ ଏହି ପଦକ୍ଷେପକୁ ସାଧୁବାଦ ଜଣାଇଛନ୍ତି। ରିଜିଓନାଲ ଏନ୍‌ଏସ୍‌ଏସ୍ ନିର୍ଦ୍ଦେଶକ ସରିତା ପଟେଲ ଏବଂ ଏସ୍‌ଏନ୍‌ଓ ଉଚ୍ଚଶିକ୍ଷା ବିଭାଗ ଡ. ରମେଶ ଚନ୍ଦ୍ର ବେହେରା ମଧ୍ୟ ନିଜ ଶୁଭେଚ୍ଛା ମେସେଜ୍ ମାଧ୍ୟମରେ ପଠାଇଥିଲେ। ରୂପାଲୀ ବିଶୋଇ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସମସ୍ତ ଅତିଥିଙ୍କୁ ଧନ୍ୟବାଦ ଦେଇଥିଲେ।

## ଶୁଖିଲା ଖାଦ୍ୟ ବାଣ୍ଟିଲା ବିଜେଡି

କେନ୍ଦୁଝର, ୨୦।୫ (ସ୍ୱ.ପ୍ର.)

କେନ୍ଦୁଝର ରାଙ୍କିସ୍ଥିତ କୋଭିଡ ହସ୍ପିଟାଲରେ ଚିକିତ୍ସିତ ରୋଗୀଙ୍କ ବାହାରେ ଅପେକ୍ଷା କରୁଥିବା ସମ୍ପର୍କୀୟଙ୍କୁ ବିଜେଡି ପକ୍ଷରୁ ଶୁଖିଲା ଖାଦ୍ୟ, ପାଣି ବୋତଲ ବଣ୍ଟନ କରିବା ସହିତ ବିଜେଡି ନେତା ପ୍ରତ୍ୟେକ ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥା ବୁଝିଛନ୍ତି। ରାଜ୍ୟ ବିଜେଡି ଉପସଭାପତି ସୌମ୍ୟ ଶଙ୍କର ଚକ୍ରଙ୍କ ନେତୃତ୍ୱରେ ଏହି କାର୍ଯ୍ୟ ଆରମ୍ଭ ହୋଇଛି।

## ମୋବାଇଲ ପାଇଁ ତୁମୁଳକାଣ୍ଡ


ଗ୍ରାମବାସୀଙ୍କ ସହ ପୋଲିସ ଆଲୋଚନା କରୁଛି।

- ଦୁଇ ଗାଁ ମଧ୍ୟରେ ସଂଘର୍ଷ, ୫ ଆହତ
- ଉତ୍ତେଜନା, ପୋଲିସ ମୁତୟନ

ବାଲେଶ୍ୱର ଅଫିସ, ୨୦।୫

ମୋବାଇଲ ପାଇଁ ବାଲେଶ୍ୱର ଜିଲା ସହଦେବଖୁଣ୍ଟା ମଡ଼େଲ ଥାନା ଅଧୀନ କଣ୍ଟାବଣିଆ ଓ ସାନଦହପଡ଼ା ଗ୍ରାମ ମଧ୍ୟରେ ସଂଘର୍ଷ ହୋଇଛି। ଏଥିରେ ୫ଜଣ ଆହତ ହୋଇଛନ୍ତି। ସହଦେବଖୁଣ୍ଟା ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଉଭୟ ଗ୍ରାମରେ ଉତ୍ତେଜନା ଲାଗି ରହିଥିବାରୁ ପୋଲିସ ଗାଁକୁ ଜଗି ରହିଛି। ରାତ୍ର ପାଟ୍ରୋଲିଂ କଡ଼ାକଡ଼ି କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଖବର ଲେଖା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବାର ଜଣାପଡ଼ିଛି।

କଣ୍ଟାବଣିଆ ଗ୍ରାମର ଜଣେ ଯୁବକ ଅନଲାଇନ୍‌ରେ ମୋବାଇଲ ଏବଂ ହେଡ୍‌ଫୋନ୍ ମଗାଇଥିଲେ। ଗୁରୁବାର ଅପରାହ୍ନରେ ଉକ୍ତ ସାମଗ୍ରୀ ଦେବା ପାଇଁ କୋରିୟର୍ ସଂସ୍ଥାର ଜଣେ କର୍ମଚାରୀ (କୋରିୟର୍ ବୟ) ଡେଲିଭରି ଦେବା ପାଇଁ କଣ୍ଟାବଣିଆ ଆସିଥିଲେ। ସେଠାରେ ଗ୍ରାହକଙ୍କୁ ପ୍ୟାକେଟ୍ ଦେବା ସହ ସେ ଟଙ୍କା ଗ୍ରହଣ କରି ଫେରିଥିଲେ। ଗ୍ରାହକ ଜଣକ ପ୍ୟାକେଟ୍ ଖୋଲିବା ପରେ ସେଥିରେ କେବଳ ହେଡ୍‌ଫୋନ୍ ଥିବା ବେଳେ ମୋବାଇଲ ନ ଥିଲା। ସଙ୍ଗେ ସଙ୍ଗେ ସେ ଫୋନ୍ ଯୋଗେ ଉକ୍ତ କୋରିୟର୍ ବୟଙ୍କୁ ଯୋଗାଯୋଗ କରି ନିକଟସ୍ଥ ଗ୍ରାମ ସାନଦହପଡ଼ାରେ ସାଙ୍ଗସାଥିଙ୍କ ସହ ଗ୍ରାହକଜଣକ ପହଞ୍ଚିଥିଲେ। ଏହି ଘଟଣାକୁ ନେଇ କୋରିୟର୍ ବୟଙ୍କୁ ଯୁବକମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ସ୍ଥାନୀୟ ଲୋକେ ଏହାର ପ୍ରତିବାଦ କରିଥିଲେ। ସେମାନେ ସେଠାରୁ ଫେରିଯାଇ ନିଜ ଗ୍ରାମରେ କହିଥିଲେ। କଣ୍ଟାବଣିଆ ଗ୍ରାମରୁ ୨୦ରୁ ୨୫ଜଣ ଲୋକେ ଏକାଠି ହୋଇ ସାନଦହପଡ଼ାରେ ପହଞ୍ଚି ପ୍ରତିବାଦ କରିଥିବା ଲୋକଙ୍କୁ ଆକ୍ରମଣ କରିଥିଲେ। ଏହି ଗଣ୍ଡଗୋଳରେ ସାନଦହପଡ଼ାରେ ରାଜୁ ନାୟକ, ସନାତନ ଦାସ, ଭିକି ଜେନା, ପ୍ରଭାକର ନାୟକ, ଚକ୍ରଧର ଜେନା ଆହତ ହୋଇ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଆକ୍ରମଣକାରୀମାନେ ଫେରାର ଥିବା ପୋଲିସ କହିଛି।

## ପିଡିଏସ୍ ଚାଉଳ ବଣ୍ଟାକୁ ନେଇ ଉତ୍ତେଜନା

ବୈଶିଙ୍ଗା, ୨୦।୫(ଡି.ଏନ.ଏ.)

ମୟୂରଭଞ୍ଜ ଜିଲାର ବେତନଟୀ ବ୍ଲକ ଅନ୍ତର୍ଗତ ଯୁଗଳ ପଞ୍ଚାୟତରେ ଗୁରୁବାର ମଧ୍ୟାହ୍ନରେ ପିଡିଏସ ଚାଉଳ ବଣ୍ଟନରେ ଅବ୍ୟବସ୍ଥାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ନିମ୍ନମାନର ପୋକରା ଚାଉଳ ବଣ୍ଟନ କରାଯାଉଥିବା ଅଭିଯୋଗ କରି ଯୋଗାଣ ସହାୟକ ବିନୟ କୁମାର ଦାସଙ୍କୁ ଗୋଦାମ ଘରେ ପୁରାଇ ବାହାର ପଟେ ତାଲା ଦେଇଥିଲେ। ତେବେ ତାଙ୍କ ନିକଟରୁ ଖବର ପାଇ ବେତନଟୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ମୃତି ରଞ୍ଜନ ମଲ୍ଲିକ , ତହସିଲଦାର ସଂଗ୍ରାମ କେଶରୀ ପରିଡ଼ା, ପୋଲିସ ଏସ୍‌ଡିପିଓ ଲଳିତ କୁମାର ପଟ୍ଟନାୟକ , ବୈଶିଙ୍ଗା ଥାନା ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମଣ ମୁର୍ମୁ ଏକ ସେକ୍ସନ ପୋଲିସ ଫୋର୍ସ ନେଇ ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା ଏବଂ ଯୋଗାଣ ସହାୟକଙ୍କୁ ଉଦ୍ଧାର କରି ବୈଶିଙ୍ଗା ଥାନାକୁ ନେଇ ଆସିଛନ୍ତି। ରିପୋର୍ଟ ଲେଖା ହେବା ସୁଦ୍ଧା ଏ ପର୍ଯ୍ୟନ୍ତ ବିଭାଗୀୟ ଅଧିକାରୀଙ୍କ ଠାରୁ ଲିଖିତ ଅଭିଯୋଗ ମିଳି ନଥିବା ଥାନା ଅଧିକାରୀ ଲକ୍ଷ୍ମଣ ମୁର୍ମୁ ପ୍ରକାଶ କରିଛନ୍ତି।

## ଉପଜିଲାପାଳଙ୍କୁ ସିପିଏମ୍ ପକ୍ଷରୁ ଦାବିପତ୍ର

ସଜନାଗଡ଼,୨୦।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ଉପଜିଲାପାଳ ହରିଶ୍ଚନ୍ଦ୍ର ଜେନାଙ୍କୁ ନୀଳଗିରି ସିପିଏମ୍ ଆଞ୍ଚଳିକ କମିଟି ପକ୍ଷରୁ ଗୁରୁବାର ୩ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି।

ଦାବି ଅନୁସାରେ ନୀଳଗିରି ଉପଖଣ୍ଡରେ କରୋନା ସଂକ୍ରମିତଙ୍କ ସଂଖ୍ୟାଙ୍କ ବୃଦ୍ଧି ଯୋଗୁ କିଛି ସ୍ଥାନକୁ କଣ୍ଟେନମେଣ୍ଟ ଘୋଷଣା କରାଯାଇଛି। ସରକାରଙ୍କ ପକ୍ଷରୁ ନୀଳଗିରିରେ ଘୋଷଣା କରାଯାଇଥିବା ୨ଟି କୋଭିଡ୍ ହସ୍‌ପିଟାଲ ତେଲିପାଳ ଆଶ୍ରମ ଓ ସିଆଡିମାଳ ଆଦର୍ଶ ବିଦ୍ୟାଳୟକୁ ଯଥାଶୀଘ୍ର କାର୍ଯ୍ୟକ୍ଷମ କରିବା, କରୋନା ଟେଷ୍ଟିଂ ବଢ଼ାଇବା, କରୋନା ଟିକାକୁ ସପ୍ତାହରେ ଗୋଟିଏ ଦିନ ନ ଦେଇ ୩ଦିନ ଦିଆଯିବା ସହ ଟିକାର ପରିମାଣ ବଢ଼ାଇବା ଭଳି ଦାବି ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଜିଲା ଆଞ୍ଚଳିକ ସିପିଆଇ (ଏମ୍) କମିଟି ସଭ୍ୟ ବିଜୟ କୁମାର ପାତ୍ର ଉପସ୍ଥିତ ଥିଲେ।

## ପୌର କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଜବତ

ବାସୁଦେବପୁର,୨୦।୫(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକାର ଅସ୍ଥାୟୀ କର୍ମଚାରୀ ଚନ୍ଦ୍ରକାନ୍ତ ଦାସଙ୍କ ଝୁଲନ୍ତା ମୃତଦେହ ତାଙ୍କ ଘର ନିକଟସ୍ଥ ଏକ ଗଛରୁ ଗୁରୁବାର ପୋଲିସ ଜବତ କରିଛି। ମୃତ ଚନ୍ଦ୍ରକାନ୍ତଙ୍କ ଘର ବାସୁଦେବପୁର ଗ୍ରାମରେ। ସକାଳେ ମୃତଦେହ ଗଛରେ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ତାଙ୍କ ପରିବାର ଓ ପୋଲିସକୁ ସୂଚନା ଦେଇଥିଲେ। ଖବର ପାଇ ଭାରପ୍ରାପ୍ତ ପୌର ନିର୍ବାହୀ ଅଧିକାରୀ ତଥା ବିଡିଓ ପ୍ରଣବ କୁମାର ବେହେରା ଓ ବାସୁଦେବପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ.୨୧/୨୧) ରୁଜୁ ହୋଇଛି।

## ଅକ୍ସିଜେନ ସିଲିଣ୍ଡର ନ ପାଇ ଆମ୍ବୁଲାନ୍ସ ଡ୍ରାଇଭରଙ୍କ ବିକ୍ଷୋଭ

ବାରିପଦା ଅଫିସ, ୨୦।୫

ଅକ୍ସିଜେନ ସିଲିଣ୍ଡର ନ ପାଇ ଆମ୍ବୁଲାନ୍ସ ଡ୍ରାଇଭରମାନେ ଗୁରୁବାର ବାରିପଦା ଟାଉନ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପ୍ରକାଶ ଯେ, ବିଶେଷ ସୂତ୍ରରୁ ଖବର ପାଇ ଟାଉନ ଥାନା ପୋଲିସ ଓ ସ୍ୱତନ୍ତ୍ର ଟିମ୍ ବୁଧବାର ରାତି ପ୍ରାୟ ୯ଟା ବେଳେ ତକତପୁର ଆର୍‌ଏମ୍‌ସି ହାଟପଡ଼ିଆ ଭିତର ଏକ ଦୋକାନ ଗୃହରେ ବେପାର ପାଇଁ ରଖାଯାଇଥିବା ୩୪ଟି ବଡ଼ ସିଲିଣ୍ଡର ସହ ୫ଟି ସାନ ଅକ୍ସିଜେନ ସିଲିଣ୍ଡର ଜବତ କରିଥିଲା। ୧୦ କିଲୋ ଛୋଟ ଅକ୍ସିଜେନ ସିଲିଣ୍ଡର ଦାମ୍ ୨୧ ହଜାରରେ ବିକ୍ରି କରାଯାଉଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିଲା। ଗୁରୁବାର ପୂର୍ବାହ୍ନରେ ବେସରକାରୀ କୋଭିଡ୍ ଆମ୍ବୁଲାନ୍ସ ଡ୍ରାଇଭରମାନେ ଅକ୍ସିଜେନ ଭର୍ତ୍ତି କରିବା ପାଇଁ ତକତପୁରର ଉକ୍ତ ସ୍ଥାନକୁ ଯାଇ ନ ପାଇ ଫେରି ଆସିଥିଲେ। ଅକ୍ସିଜେନ ସିଲିଣ୍ଡର ଜବତ ସମ୍ପର୍କରେ ଜାଣିବା ପରେ ସେମାନେ ଟାଉନ ଥାନା ସମ୍ମୁଖକୁ ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।


ଆମ୍ବୁଲାନ୍ସ ଡ୍ରାଇଭରମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ସେପଟେ କରୋନା ମହାମାରୀ ସମୟରେ ଜିଲାରେ ଅକ୍ସିଜେନ ଭରପୁର ଥିବା ଜିଲାପାଳ ବିନୀତ ଭରଦ୍ୱାଜ କୋଭିଡ୍ ହସ୍ପିଟାଲ ଗସ୍ତ କରି ସମୀକ୍ଷା କରି କହିଥିଲେ। କିନ୍ତୁ ଜିଲାରେ ଅକ୍ସିଜେନ ଅଭାବ ରହିଥିବା ନେଇ ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ଜିଲାବାସୀଙ୍କ ପକ୍ଷରୁ ବାରମ୍ବାର ସୋସିଆଲ ମିଡିଆରେ ଦାବି ଉପସ୍ଥାପନ ହୋଇଆସୁଛି। କୋଭିଡ୍ ଆମ୍ବୁଲାନ୍ସଗୁଡ଼ିକରେ ସରକାରୀ ସ୍ତରରେ ଅକ୍ସିଜେନର ବ୍ୟବସ୍ଥା ହୋଇ ନ ଥିବାବେଳେ ବାହାରୁ ବେସରକାରୀ ଭାବେ ଅଧିକ ମୂଲ୍ୟରେ ବ୍ୟବସାୟୀଙ୍କଠାରୁ କିଣିବାକୁ ବାଧ ହେଉଥିବା ଡ୍ରାଇଭର ଅକ୍ଷୟ କୁମାର ମହାକୁଡ଼, ନାଗେଶ୍ୱର ମୁଖୀ ପ୍ରମୁଖ ଅଭିଯୋଗ ଆଣିଛନ୍ତି। ଏ ସମ୍ପର୍କରେ ଜିଲା ପ୍ରଶାସନର କୋଭିଡ୍ ପରିଚାଳନା ଦାୟିତ୍ୱରେ ଥିବା ଜରୁରିକାଳୀନ ଅଧିକାରୀ ସୁଜୟ କୁମାର ପତିଙ୍କୁ କୋଭିଡ୍ ହସ୍ପିଟାଲରେ ଅକ୍ସିଜେନ ଆବଶ୍ୟକ ଅନୁସାରେ ରହିଥିବା କହିଛନ୍ତି। କିନ୍ତୁ କୋଭିଡ୍ ପରିଚାଳନାରେ ବ୍ୟବହୃତ ଆମ୍ବୁଲାନ୍ସଗୁଡ଼ିକରେ କିଭଳି ଆଉ କେଉଁଠି ଅକ୍ସିଜେନ ଭର୍ତ୍ତି କରାଯିବା ନେଇ କୌଣସି ପ୍ରତିକ୍ରିୟା ଦେବାକୁ ସେ ମନା କରିଦେଇଥିଲେ।

## ଭାଲୁ ଆକ୍ରମଣରେ ୫ ଆହତ

କପ୍ତିପଦା,୨୦।୫(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା କପ୍ତିପଦା ରେଞ୍ଜ ଅଧୀନ ଧୋପଡା ଗ୍ରାମରେ ଭାଲୁ ଆକ୍ରମଣରେ ୫ଜଣ ଆହତ ହୋଇଛନ୍ତି। ସୁବୁନା କାଲୁଣ୍ଡିଆ ନାମକ ଜଣେ ବ୍ୟକ୍ତି ଗ୍ରାମ ନିକଟରେ ବୁଲାବୁଲି କରୁଥିବା ବେଳେ ଏକ ଭାଲୁ ଆସି ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ଏହାପରେ କାଇରା ସିଂ ଓ ମହାନ୍ତି ବାରଜଙ୍କୁ କାମୁଡ଼ି ଗାଁରେ ପଶି ରାସ୍ତାରେ ଯାଉଥିବାବେଳେ ଅନ୍ୟ ୨ଜଣଙ୍କୁ ଆକ୍ରମଣ କରିଥିଲା। ସମସ୍ତ ଆହତଙ୍କୁ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୁବୁନାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଆକ୍ରମଣ କରିବା ପରେ ଭାଲୁଟି ନିକଟସ୍ଥ ଜଙ୍ଗଲ ମଧ୍ୟକୁ ଚାଲି ଯାଇଛି। ବନ ବିଭାଗ ପକ୍ଷରୁ ଆହତଙ୍କୁ ସହାୟତା ଯୋଗାଇ ଦିଆଯିବ ବୋଲି ରେଞ୍ଜର ମହେଶ୍ୱର ସିଂ କହିଛନ୍ତି।

